ବିଶନ ସିଂ ଏବଂ ଅନ୍ୟମାନେ

ବନାମ

ପଞ୍ଜାବ ରାଜ୍ୟ ଏବଂ ଅନ୍ୟ ଜଣେ

ଅଗଷ୍ଟ 30,1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାଏକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ପଞ୍ଜାବ ପୋଲିସ ନିୟମାବଳୀ :*

*ନିୟମ 16 (2)–ସେବାରୁ ବରଖାସ୍ତ – ଆରକ୍ଷୀ ବାହିନୀର ସଦସ୍ୟମାନେ – ଅଯଥେଷ୍ଟ ବାସସ୍ଥାନର ଅଭିଯୋଗ – ବଳବତ୍ତର ଥିବା ନିଷେଧାଦେଶ ସତ୍ତ୍ୱେ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଉପସ୍ଥାପନା କରିବାକୁ କର୍ତ୍ତବ୍ୟ ସମୟ ପରେ ଶାନ୍ତିପୂର୍ଣ୍ଣ ପଦଯାତ୍ରା – ଘୋଷଣା କରିବା ପାଇଁ ମକଦ୍ଦମା ଦାଖଲ କରାଯାଇଥିଲା ଯେ, ବରଖାସ୍ତ ଆଦେଶ ଅବୈଧ ଥିଲା – ମକଦ୍ଦମା ଡିକ୍ରି କରାଯାଇଥିଲା – ଅପିଲ ଖାରଜ କରାଗଲା – ଉଚ୍ଚ ନ୍ୟାୟାଳୟ ନିଷ୍ପତ୍ତିଗୁଡ଼ିକୁ ଓଲଟାଇଦେଇଥିଲେ ଏବଂ ମକଦ୍ଦମା ଖାରଜ କରିଥିଲେ – ଅପିଲରେ ଦର୍ଶାଯାଇଥିଲା, ଯଦିଓ ନିଷେଧାଦେଶ ଉଲ୍ଲଂଘନ କରାଯାଇଥିଲା, ଅପିଲକାରୀମାନେ ଉପସ୍ଥାପନା କରିବାକୁ ଶାନ୍ତିପୂର୍ଣ୍ଣ ଭାବରେ ପଦଯାତ୍ରା କରିଥିଲେ – ଏହା କୁହାଯାଇପାରିବ ନାହିଁ ଯେ, ସେମାନେ ସେବାରୁ ବରଖାସ୍ତ ହେବାର ଅତ୍ୟନ୍ତ କଠୋର ଦଣ୍ଡାଦେଶ ପାଇବା ଭଳି ମନ୍ଦ ଆଚରଣ କାର୍ଯ୍ୟ କରିଛନ୍ତି – ତେଣୁ ଆଦେଶକୁ ବାତିଲ କରାଯାଇଛି – ସାମୂହିକ ପ୍ରଭାବ ବିନା ଗୋଟିଏ ବୃଦ୍ଧି ଉପରେ ରୋକ ଲଗାଇବାର ଦଣ୍ଡାଦେଶ ପାଇଁ ରାଜ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 12020/1996 ।

ଆର୍.ଏସ୍.ଏ. ସଂଖ୍ୟା 2260/1980 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ତା 7.5.91 ରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀମାନଙ୍କ ପାଇଁ କେ. ସୁଲତାନ ସିଂ ଏବଂ ଆର୍.ଏମ୍. ମିଶ୍ର ।

ଉତ୍ତରଦାତାମାନଙ୍କ ପାଇଁ ମନୋଜ ସ୍ୱରୂପ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ମଞ୍ଜୁର କରାଗଲା ।

ଆମେ ଉଭୟ ପକ୍ଷଙ୍କ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଆର୍ ଏସ୍ ଏ ସଂଖ୍ୟା 2260/80 ରେ କରାଯାଇଥିବା ଚଣ୍ଡୀଗଡ଼ସ୍ଥିତ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ମେ 7,1991 ତାରିଖର ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୋଇଛି । ସ୍ୱୀକୃତିପ୍ରାପ୍ତ ତଥ୍ୟ ହେଉଛି ଯେ, ନିଷେଧାଦେଶ ସତ୍ତ୍ୱେ, ତିନି ଜଣ ଅପିଲକାରୀ ଅନ୍ୟ 27 ଜଣଙ୍କ ସହ ଆରକ୍ଷୀ ଅଧୀକ୍ଷକଙ୍କୁ ତାଙ୍କ ବାସଭବନରେ, ଅଯଥେଷ୍ଟ ବାସସ୍ଥାନ ଏବଂ ସେମାନଙ୍କୁ ପ୍ରଦାନ କରାଯାଇନଥିବା ଅନ୍ୟାନ୍ୟ ସୁବିଧା ବିଷୟରେ ସେମାନଙ୍କର ଅଭିଯୋଗ ଉପସ୍ଥାପନ କରିବାକୁ ଏକ ଶୋଭାଯାତ୍ରାରେ ଯାଇଥିଲେ । ସନ୍ଧ୍ୟାରେ ସେମାନଙ୍କର କର୍ତ୍ତବ୍ୟ ଶେଷ ହେବା ପରେ ତାହା କରାଯାଇଥିଲା । ଏପରି ଉପସ୍ଥାପନା କରିବା ଏବଂ ନିଷେଧାଦେଶର ଉଲ୍ଲଂଘନ କରିବା ପାଇଁ, ତିନି ଜଣ ଅପିଲକାରୀମାନଙ୍କ ବିରୋଧରେ ତଦନ୍ତ ଆରମ୍ଭ କରାଯାଇଥିଲା, ଯେଉଁମାନେ ଆରମ୍ଭିକ କରିଥିଲେ ଏବଂ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ, ଆରୋପିତ ହୋଇଥିଲେ ଯେ, ସେମାନେ ପଞ୍ଜାବ ପୋଲିସ ନିୟମାବଳୀର ନିୟମ 16 (2) ଅନ୍ତର୍ଗତ ଗୁରୁତର ମନ୍ଦ ଆଚରଣରେ ଦୋଷୀ ଥିଲେ, ଯାହା ପ୍ରମାଣିତ ହୋଇ ଦର୍ଶାହୋଇଛି; ଫଳସ୍ୱରୂପ, ସେମାନଙ୍କୁ ସେବାରୁ ବରଖାସ୍ତ କରାଯାଇଥିଲା । ଅପିଲରେ ବରଖାସ୍ତ ଆଦେଶକୁ ନିଶ୍ଚିତ କରାଯାଇଥିଲା । ତାହା ପରେ, ଅପିଲକାରୀମାନେ ଘୋଷଣା ପାଇଁ ମକଦ୍ଦମା ଦାଖଲ କରିଥିଲେ ଯେ, ବରଖାସ୍ତ ଆଦେଶ ଅବୈଧ ଏବଂ ଅକାର୍ଯ୍ୟକ୍ଷମ; ଏହି ମକଦ୍ଦମା ଏପ୍ରିଲ 7,1979 ରେ ଡିକ୍ରି କରାଯାଇଥିଲା । ଅପିଲ ପରେ, ଏହାକୁ ଫେବୃଆରୀ 20, 1980 ରେ ଖାରଜ କରାଯାଇଥିଲା । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତିଗୁଡ଼ିକୁ ଓଲଟାଇଦେଇଥିଲେ ଏବଂ ମକଦ୍ଦମାକୁ ଖାରଜ କରିଦେଇଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ।

ଏହା ସତ୍ୟ ଯେ, ଅପିଲକାରୀମାନେ ଆରକ୍ଷୀ ବାହିନୀର ଶୃଙ୍ଖଳିତ ସଦସ୍ୟ ଅଟନ୍ତି । ସେମାନଙ୍କୁ ପ୍ରଦାନ କରାଯାଇଥିବା ଅଯଥେଷ୍ଟ ବାସସ୍ଥାନର ଅଭିଯୋଗ ହେଉଛି ଏକ ବୈଧ ଅଭିଯୋଗ ଯାହା ଏହାର ପ୍ରତିକାର ପାଇଁ ଅଧିକାରୀଙ୍କ ନିକଟରେ ଉପସ୍ଥାପନା କରିବାକୁ ପଡ଼ିବ । ନିଃସନ୍ଦେହରେ, ନିଷେଧାଦେଶ ଜାରି କରାଯାଇଥିଲା ଏବଂ ଏହାର ସେମାନେ ଉଲ୍ଲଂଘନ କରିଛନ୍ତି;

ତଥାପି, ଅପିଲକାରୀମାନେ ସେମାନଙ୍କର ଉପସ୍ଥାପନା କରିବା ପାଇଁ ଶାନ୍ତିପୂର୍ଣ୍ଣ ଭାବରେ ପଦଯାତ୍ରା କରିଥିଲେ । ଏହି ପରିସ୍ଥିତି ଅନୁଯାୟୀ, ଏହା କୁହାଯାଇପାରିବ ନାହିଁ ଯେ, ସେମାନେ ସେବାରୁ ବରଖାସ୍ତ ହେବାର ଅତ୍ୟନ୍ତ କଠୋର ଦଣ୍ଡାଦେଶ ପାଇବା ଭଳି ମନ୍ଦ ଆଚରଣ କାର୍ଯ୍ୟ କରିଛନ୍ତି । ତଦନୁସାରେ,ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବାତିଲ କରିଦିଆଯାଇଛି । ତଥାପି, ଉତ୍ତରଦାତାମାନଙ୍କୁ ସାମୂହିକ ପ୍ରଭାବ ବିନା ଗୋଟିଏ ବେତନ ବୃଦ୍ଧି ଉପରେ ରୋକ ଲଗାଇବାର ଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଅପିଲକାରୀମାନେ ସମସ୍ତ ପରିଣାମମୂଳକ ସୁବିଧାଗୁଡ଼ିକ ସହିତ ପୁନଃସ୍ଥାପନ ପାଇଁ ହକଦାର ଅଟନ୍ତି । ବିନା ଖର୍ଚ୍ଚରେ ।

ଜି.ଏନ୍.

ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**